ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/ FS&CW (OD))/1446/15-03-2021**

## ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ
## ସଚେତନ ଖାଉଟି ହିଁ ସୁରକ୍ଷିତ ଖାଉଟି
## ଉପଭୋକ୍ତା ଅଧିକାରର ସୁରକ୍ଷା ପାଇଁ ସରକାର ଅଙ୍ଗୀକାରବଦ୍ଧ
## : ଯୋଗାଣ ମନ୍ତ୍ରୀ ଶ୍ରୀ ସ୍ୱାଇଁ

ଭୁବନେଶ୍ୱର, ତା.୧୫/୦୩/୨୦୨୧

ଉପଭୋକ୍ତାମାନଙ୍କର ଅଧିକାରକୁ ସମ୍ମାନ ଓ ସୁରକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ରାଜ୍ୟର ସବୁ ଖାଉଟିଙ୍କୁ ଉନ୍ନତ ମାନର ସେବା ଯୋଗାଇଦେବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି । ଖାଉଟି ସୁରକ୍ଷା ଆଇନର ପ୍ରାବଧାନ ଅନୁସାରେ ନିଜେ ଉପଭୋକ୍ତା କିଭଳି ନିଜକୁ ସୁରକ୍ଷିତ ରଖିପାରିବ ଓ କୌଣସି ବିବାଦ ଉପୁଜିଲେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନ୍ୟାୟ ପାଇପାରିବ, ସେଥିପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି ବିଶ୍ୱ ଖାଉଟି ଦିବସ ପାଳନ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଗତ କିଛି ବର୍ଷ ମଧ୍ୟରେ ଯେପରି ଭାବେ ବିଭିନ୍ନ ଦ୍ରବ୍ୟ ଓ ସେବାର ବଜାରୀକରଣରେ ଦ୍ରୁତ ପରିବର୍ତ୍ତନ ଘଟୁଛି, ତାହାକୁ ଦୃଷ୍ଟିରେ ରଖି ଉପଭୋକ୍ତା ସୁରକ୍ଷା ଆଇନକୁ ଯୁଗୋପଯୋଗୀ କରିବା ନିମନ୍ତେ ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ଲାଗୁ କରାଯାଇଛି । ନୂତନ ଆଇନରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା ପ୍ରାଧିକରଣ ଗଠନ ସହିତ ପ୍ରଥମ ଥର ପାଇଁ ଖାଉଟିଙ୍କୁ ଏକ ବର୍ଗ ଭାବେ ବିବେଚିତ କରାଯାଉଛି । ଏଣିକି ଉପଭୋକ୍ତାମାନେ ସେମାନଙ୍କର ଅଭିଯୋଗ ଇ-ଫାଇଲିଂ ମାଧ୍ୟମରେ ସଂପୃକ୍ତ ଆୟୋଗରେ ଦାଖଲ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ଆଇନ ବଳରେ ବିଭ୍ରାନ୍ତିକାରୀ ବିଜ୍ଞାପନ କରୁଥିବା ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ । ଏଥି ସହିତ ନୂତନ ନିୟମର ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ, ଯାହାଦ୍ୱାରା ଉପଭୋକ୍ତାମାନଙ୍କ ଅଭିଯୋଗର ସମାଧାନ ଶୀଘ୍ର ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶାବ୍ୟକ୍ତ କରିଥିଲେ । ଚଳିତ ବର୍ଷ ବିଶ୍ୱ ଖାଉଟି ଅଧିକାର ଦିବସର ବିଷୟବସ୍ତୁ 'ପ୍ଲାଷ୍ଟିକ ବ୍ୟବହାରଜନିତ ପ୍ରଦୂଷଣ ନିୟନ୍ତ୍ରଣ' ରଖାଯାଇଥିବାବେଳେ ପ୍ଲାଷ୍ଟିକ ବ୍ୟବହାରର କୁପରିଣାମ ସଂପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଲୋଚନା କରି କହିଲେ ଯେ ଖାଉଟି ସଚେତନ ହେଲେ ପ୍ଲାଷ୍ଟିକ ବ୍ୟବହାରକୁ ରୋକାଯାଇ ପାରିବ । ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ ଏହି ବାର୍ତ୍ତାକୁ ଖାଉଟିମାନଙ୍କ ନିକଟରେ ପହଞ୍ଚାଇବାରେ ସଫଳ ହୋଇପାରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ ।

ୱେବିନାରରେ ଯୋଗଦେଇ ରାଜ୍ୟ ଖାଉଟି ବିବାଦ ପ୍ରତିକାର ସମାଧାନ ଆୟୋଗର ସଭାପତି ଜଷ୍ଟିସ୍ ଡ. ଡି.ପି. ଚୌଧୁରୀ ବିଶ୍ୱ ଖାଉଟି ଅଧିକାର ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ବିଶଦ ଭାବରେ ଆଲୋଚନା

କରିବା ସହିତ ନୂତନ ଖାଉଟି ସୁରକ୍ଷା ଆଇନ ଖାଉଟିମାନଙ୍କ ସ୍ୱାର୍ଥର ସୁରକ୍ଷା ଦିଗରେ ଫଳପ୍ରଦ ହୋଇପାରିବ ବୋଲି କହିଥିଲେ ।

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ଓ୍ୱେବିନାରରେ ଯୋଗଦେଇ ସଚେତନ ଖାଉଟି ହିଁ ସୁରକ୍ଷିତ ଖାଉଟି ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିରନ୍ତର ଉଦ୍ୟମ ଅବ୍ୟାହତ ରଖିଛି ବୋଲି କହିବା ସହିତ ଉପଭୋକ୍ତା ସୁରକ୍ଷା ଅଭିଯାନକୁ ଫଳପ୍ରଦ କରିବା ପାଇଁ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ । ରାଜ୍ୟସ୍ତରରେ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର ନିଃଶୁଳ୍କ ଟେଲିଫୋନ ବ୍ୟବସ୍ଥା କାର୍ଯ୍ୟ କରୁଥିବାବେଳେ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ ମାଧ୍ୟମରେ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଛି ବୋଲି ସଚିବ ଶ୍ରୀ ଯାଦବ କହିଥିଲେ ।

ଓ୍ୱେବିନାରରେ ଅନ୍ୟମାନଙ୍କ ମଧ୍ୟରେ ଖାଉଟି ପରାମର୍ଶଦାତା ଶ୍ରୀ ବେଜନ ମିଶ୍ର, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯୋଗେଶ ପ୍ରତାପ ସିଂ, ଅତିରିକ୍ତ ଶାସନ ସଚିବ ଶ୍ରୀ ଜ୍ୟୋତି କୁମାର ଲାକ୍ରା ଓ ଶ୍ରୀ ସତ୍ୟନାରାୟଣ ଦାଶ ପ୍ରମୁଖ ବିଶ୍ୱ ଖାଉଟି ଅଧିକାର ଦିବସର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ । ଓ୍ୱେବିନାରରେ ରାଜ୍ୟର ଜିଲ୍ଲା ଖାଉଟି ବିବାଦ ପ୍ରତିକାର ମଞ୍ଚ, ବିଭିନ୍ନ ଖାଉଟି ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଯୋଗଦେଇଥିଲେ ।

ତାପସ ସାହା
ସୂଚନା ଅଧିକାରୀ